# Chapter- 3

# ଜନ୍ମଭୂମି

**STUDY NOTES**

## MIND MAP



ଜନ୍ମଭୂମି ପ୍ରତ୍ୟେକ ମନୁଷ୍ୟ ପାଇଁ ମହାନ୍ ଅଟେ । ତା'ସହିତ ଏ ପୃଥିବୀରେ ଆଉ କେହି ସମାନ ହୋଇପାରିବ ନାହିଁ । ଇତିହାସର ଅନେକ ମହାବୀର ନିଜର ଜନ୍ମଭୂମିର ମହତ୍ତ୍ୱ ରକ୍ଷା ପାଇଁ ଆତ୍ମବଳୀ ଦେଇ ଅକ୍ଷୟ ଅକ୍ଷରରେ ଆପଣାର ନାମକୁ ଲେଖିଯାଇଛନ୍ତି । ସେମାନଙ୍କ ପାଇଁ ଏ ମାଟି ଧନ୍ୟ ହୋଇଛି । ଜନ୍ମମାଟି ଆମକୁ ମାଆ ପରି ଲାଳନପାଳନ କରେ । ତା'ର ପବନ ଆମ ନିଃଶ୍ୱାସ-ପ୍ରଶ୍ୱାସରେ ପ୍ରବାହିତ ହୁଏ । ତା'ର ସ୍ୱଚ୍ଛଜଳ ପାନ କରି ଆମର ତୃଷା ଦୂର ହୁଏ । ଆମର ଜୀବନ ଧାରଣ ପାଇଁ ସେ ତା'ବକ୍ଷରେ ନାନାବିଧ ଖାଦ୍ୟଶସ୍ୟ ଓ ଫଳ ସାଇତି ରଖିଛି । ଯାହାକୁ ଖାଇ ଆମେ ବଞ୍ଚି ରହିଥାଉ । ତା'ର ଛାତିରେ ଆମେ ଆନନ୍ଦରେ ଚଲାବୁଲା କରିଥାଉ । ତେଣୁ ସେହି ଜନ୍ମଭୂମି ଆମର ମାତୃସମା, କଲ୍ୟାଣମୟୀ ଜନନୀ । ତା ସହିତ ପୃଥିବୀର ଅନ୍ୟ କୌଣସି ସ୍ଥାନ ସମାନ ହୋଇପାରିବ ନାହିଁ । ଜନ୍ମଭୂମିର ଅବଦାନକୁ ବାସ୍ତବରେ କେହି ଭୁଲିପାରିବେ ନାହିଁ । ଜନ୍ମଭୂମିରେ ନଦୀ, ପାହାଡ, ପର୍ବତ, ଝରଣା ବଣଜଙ୍ଗଲ ଶୋଭା ବର୍ଦ୍ଧନ କରିଥାନ୍ତି । ଖଣି ମଧ୍ୟରେ ମଣି ଓ ସମୁଦ୍ରରେ ମୁକୁତା ରହିଅଛି । ଏହାର ସୁନୀଳ ଆକାଶରେ ନକ୍ଷତ୍ରମାନ ଶୋଭା ପାଉଛନ୍ତି । ବନ ଉପବନର ଗହଳ ଲତାକୁଞ୍ଜ ଓ ପତ୍ର ଉହାଡ଼ରେ ଥାଇ ପକ୍ଷୀମାନଙ୍କର ମଧୁର କାକଳି ବେଶ୍ ଆନନ୍ଦ ଦେଇଥାଏ । ସେମାନଙ୍କ କଳନିନାଦିନୀ କଣ୍ଠରୁ ଝରି ଆସୁଥିବା ଗୀତର ସ୍ୱର ଶ୍ରୋତାଙ୍କୁ ବେଶ୍ ଆନନ୍ଦ ଦିଏ । ଏହା ଅତ୍ୟନ୍ତ ମନୋମୁଗ୍ଧକର ଓ ହୃଦୟସ୍ପର୍ଶୀ । ତେଣୁ ଜନ୍ମଭୂମି ଶତ ସମ୍ମାନର ଅଧିକାରିଣୀ । ଏହାକୁ ସମ୍ମାନ ଦେବା ଆମର ଗୁରୁଦାୟିତ୍ୱ । ଏହାର ସେବା ଆମ ଜୀବନର ପ୍ରମୁଖ କର୍ତ୍ତବ୍ୟ ଅଟେ ।

ODM EDUCATIONAL GROUP Changing your Tomorrow